# NATIONAL NEWS BULLETIN (ODIA)

**25 March - 2024**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ପାକିସ୍ତାନ ସନ୍ତ୍ରାସବାଦକୁ ସମର୍ଥନ କରୁଥିବାରୁ ଭାରତ ତାହାର ତୀବ୍ର ସମାଲୋଚନା କରିଛି।

- ଲୋକସଭା ନିର୍ବାଚନ ପାଇଁ ବିଜେପି ଏହାର ପଞ୍ଚମ ପ୍ରାର୍ଥୀ ତାଲିକା ପ୍ରକାଶ କରିଛି।

- ଦେଶର ବିଭିନ୍ନ ଭାଗରେ ଆଜି ହୋଲି ପର୍ବ ପାଳିତ ହେଉଛି।

- ଦକ୍ଷିଣ ଚୀନ୍ ସାଗରରେ ଚୀନ୍‌ର ଅତ୍ୟଧିକ ହସ୍ତକ୍ଷେପ ବିରୁଦ୍ଧରେ ପ୍ରତିବାଦ ସ୍ୱରୂପ ଫିଲିପାଇନ୍ସ' ଚୀନ୍ ରାଷ୍ଟ୍ରଦୂତଙ୍କୁ ଡକାଇଛି।

ଏବଂ

- ଗତକାଲି ବିଶ୍ୱ କବାଡ଼ି ଦିବସରେ ୧୨୮ ଜଣ କ୍ରୀଡ଼ାବିତ୍‌ଙ୍କ ଅଂଶଗ୍ରହଣ ସହ ଭାରତ ଗିନିଜ୍ ବିଶ୍ୱ ରେକର୍ଡ ସ୍ଥାପନ କରିଛି।

## ଇଣ୍ଡୋ-ପାକ୍

ପାକିସ୍ତାନ ସନ୍ତ୍ରାସବାଦକୁ ସମର୍ଥନ କରୁଥିବାରୁ ଭାରତ ତାହାର ତୀବ୍ର ସମାଲୋଚନା କରିଛି। ଭାରତ କହିଛି, ପାକିସ୍ତାନ ଜାମ୍ମୁ-କାଶ୍ମୀରରେ ସୀମାପାର ସନ୍ତ୍ରାସବାଦୀ କାର୍ଯ୍ୟକଳାପକୁ ସମର୍ଥନ ପ୍ରଦାନ ବନ୍ଦ କରିବା ଉଚିତ। ପାକିସ୍ତାନ ସନ୍ତ୍ରାସବାଦୀମାନଙ୍କୁ ସାହାଯ୍ୟ, ସମର୍ଥନ ଓ ସହାୟତା ପ୍ରଦାନ କରୁଥିବାର ଅନେକ ଦୃଷ୍ଟାନ୍ତ ରହିଛି। ରାଜ୍ୟସଭା ଉପାଧ୍ୟକ୍ଷ ହରିବଂଶ ଗତକାଲି ଜେନେଭାରେ ଅନୁଷ୍ଠିତ ଇଣ୍ଟର ପାର୍ଲାମେଣ୍ଟାରୀ ୟୁନିଅନ୍‌ର ୧୪୮ତମ ସଭାରେ ଏହା କହିଛନ୍ତି। ଜାତିସଂଘ ନିରାପତ୍ତା ପରିଷଦ ଦ୍ୱାରା ଚିହ୍ନିତ ହୋଇଥିବା ଅଧିକାଂଶ ସନ୍ତ୍ରାସବାଦୀ ପାକିସ୍ତାନରେ ଥିବାର ସେ ଦର୍ଶାଇଛନ୍ତି। ଦୁର୍ଦ୍ଦାନ୍ତ ସନ୍ତ୍ରାସବାଦୀ ଓସାମା ବିନ୍ ଲାଦେନ ମଧ୍ୟ ପାକିସ୍ତାନରେ ଆଶ୍ରୟ ନେଇଥିଲା। ଭାରତୀୟ ଅଞ୍ଚଳ ଉପରେ ପାକିସ୍ତାନର ମନ୍ତବ୍ୟକୁ ପ୍ରତ୍ୟାଖ୍ୟାନ କରି ସେ କହିଛନ୍ତି, ପାକିସ୍ତାନର ଗଣତାନ୍ତ୍ରିକ ରେକର୍ଡ ହାସ୍ୟାସ୍ପଦ ରହିଛି। ଭାରତ ବିଶ୍ୱର ସର୍ବବୃହତ ଗଣତନ୍ତ୍ର ବୋଲି ସେ କହିଛନ୍ତି। ଜାମ୍ମୁ-କାଶ୍ମୀର ଓ ଲଦାଖ ଭାରତର ଅବିଚ୍ଛେଦ୍ୟ ଅଂଶ ବୋଲି ଶ୍ରୀ ହରିବଂଶ କହିଛନ୍ତି।

## ବିଜେପି ଲିଷ୍ଟ

ଲୋକସଭା ନିର୍ବାଚନ ପାଇଁ ବିଜେପି ଏହାର ପଞ୍ଚମ ପ୍ରାର୍ଥୀ ତାଲିକା ପ୍ରକାଶ କରିଛି। ଏଥିରେ ୧୧୧ ଜଣ ପ୍ରାର୍ଥୀଙ୍କର ନାମ ରହିଛି। ଅଭିନେତ୍ରୀ କଙ୍ଗନା ରାନାଓ୍ୱତ ମଣ୍ଡିରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିବାବେଳେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମ୍ବଲପୁରରୁ ଓ ବିଜେପି ମୁଖପାତ୍ର ସମ୍ବିତ ପାତ୍ର ପୁରୀରୁ

ପ୍ରତିଦ୍ୱନ୍ଦ୍ୱିତା କରିବେ। କେନ୍ଦ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ଉଜିୟାରାପୁରରୁ, ଗିରିରାଜ ସିଂ ବେଗୁସରାଇରୁ ଓ ରବିଶଙ୍କର ପ୍ରସାଦ ପାଟନା ସାହିବରୁ ପ୍ରତିଦ୍ୱନ୍ଦ୍ୱିତା କରିବେ। ଅଭିନେତା ଅରୁଣ ଗୋବିଲ ମେରଟରୁ ଓ ମନେକା ଗାନ୍ଧୀ ସୁଲତାନପୁରରୁ ପ୍ରତିଦ୍ୱନ୍ଦ୍ୱିତା କରିବେ। ଜିତିନ ପ୍ରସାଦ ବରୁଣ ଗାନ୍ଧୀଙ୍କ ସ୍ଥାନରେ ପିଲିଭିଟ୍‌ରୁ ପ୍ରତିଦ୍ୱନ୍ଦ୍ୱିତା କରିବେ। ନବୀନ ଜିନ୍ଦଲ କୁରୁକ୍ଷେତ୍ରରୁ ପ୍ରତିଦ୍ୱନ୍ଦ୍ୱିତା କରିବେ। କାଲକାଟା ହାଇକୋର୍ଟର ପୂର୍ବତନ ବିଚାରପତି ଅଭିଜିତ ଗଙ୍ଗୋପାଧ୍ୟାୟ ତାମଲୁକରୁ ପ୍ରତିଦ୍ୱନ୍ଦ୍ୱିତା କରିବେ। କର୍ଣ୍ଣାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ଜଗଦୀଶ ଶେଟ୍ଟର ବେଲଗାମରୁ ପ୍ରତିଦ୍ୱନ୍ଦ୍ୱିତା କରିବେ।

ବିଜେପି ସିକ୍କିମ ବିଧାନସଭା ପାଇଁ ୧୪ ଜଣଙ୍କର ନାମ ଥିବା ପ୍ରଥମ ତାଲିକା ପ୍ରକାଶ କରିଛି। ଡିଲ୍ଲୀରାମ ଥାପ୍ପା ଅପର୍ ବୁରୁତୁକରୁ ଓ ନରେନ୍ଦ୍ର କୁମାର ସୁବା ମନିବଙ୍ଗ–ଡେଣ୍ଟାମ୍‌ରୁ ପ୍ରତିଦ୍ୱନ୍ଦ୍ୱିତା କରିବେ।

## ଇସିଆଇ-ସଷ୍ଟେନ୍‌ବଲ ପୋଲ୍ସ

ନିର୍ବାଚନ କମିଶନ ଲୋକସଭା ଓ ବିଧାନସଭା ନିର୍ବାଚନରେ ପରିବେଶ ପ୍ରତି କୌଣସି କ୍ଷତି ନ ପହଞ୍ଚାଇବାକୁ ପ୍ରୟାସ କରୁଛି। ରାଜନୈତିକ ଦଳ ଓ ନିର୍ବାଚନ ପରିଚାଳନା କରୁଥିବା କର୍ମଚାରୀମାନଙ୍କୁ ନିର୍ବାଚନ କମିଶନ ଏଥିପାଇଁ ନିର୍ଦ୍ଦେଶ ଜାରି କରି କମ୍ କାଗଜ ବ୍ୟବହାର କରିବାକୁ କହିଛି। ଇ-ବୁକ୍ ଓ ଇ-ଡକ୍ୟୁମେଣ୍ଟର ବ୍ୟବହାର ପ୍ରତି କମିଶନ ଗୁରୁତ୍ୱ ଦେଇଛି। ଥରେ ବ୍ୟବହାର କରାଯାଇ ଫିଙ୍ଗା ଯାଉଥିବା ପ୍ଲାଷ୍ଟିକର ବ୍ୟବହାର କମ୍ କରିବାକୁ କୁହାଯାଇଛି। ସମସ୍ତ ବର୍ଜ୍ୟବସ୍ତୁର ଠିକ୍ ଭାବେ

ନଷ୍ଟ କରାଯିବାକୁ କମିଶନ କହିଛି । ରାଜନୈତିକ ଦଳ ଗୁଡ଼ିକୁ ପ୍ରଚାର ସମୟରେ ପୁର୍ନବ୍ୟବହାରକ୍ଷମ ଶକ୍ତିର ବ୍ୟବହାର କରିବାକୁ କୁହାଯାଇଛି ।

## କର୍ଣ୍ଣାଟକ ପ୍ରୋଫାଇଲ୍

କର୍ଣ୍ଣାଟକରେ ଏପ୍ରିଲ ମାସ ୨୬ ତାରିଖ ଓ ମେ' ମାସ ୭ ତାରିଖରେ ଦୁଇଟି ପର୍ଯ୍ୟାୟରେ ଲୋକସଭା ନିର୍ବାଚନ ହେବ । କର୍ଣ୍ଣାଟକର ଲୋକସଭା ଆସନ ସଂଖ୍ୟା ୨୮ । ଆସନ୍ତା ୨୮ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ବିଜ୍ଞପ୍ତି ଜାରି ହେବ ଓ ଏପ୍ରିଲ ୧୨ ତାରିଖରେ ତୃତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ବିଜ୍ଞପ୍ତି ଜାରି ହେବ ।

କର୍ଣ୍ଣାଟକରେ ଦୁଇଟି ଯାକ ପର୍ଯ୍ୟାୟରେ ୧୪ଟି ଲେଖାଏଁ ଆସନ ପାଇଁ ମତଦାନ ହେବ । ୨୮ଟି ଆସନ ମଧ୍ୟରୁ ୫ଟି ଅନୁସୂଚିତ ଜାତି ଓ ଦୁଇଟି ଅନୁସୂଚିତ ଉପଜାତି ପ୍ରାର୍ଥୀମାନଙ୍କ ପାଇଁ ସଂରକ୍ଷିତ ଅଛି । ୫ କୋଟି ୪୨ ଲକ୍ଷ ମତଦାତାଙ୍କ ମଧ୍ୟରୁ ୧୧ ଲକ୍ଷ ମତଦାତା ପ୍ରଥମ କରି ମତଦାନ କରିବେ । ୩୮ ହଜାର ଦିବ୍ୟାଙ୍ଗ ମତଦାତା ଥିବାବେଳେ ୫ ଲକ୍ଷ ୭୦ ହଜାର ମତଦାତାଙ୍କ ବୟସ ୮୫ ବର୍ଷରୁ ଅଧିକ । ବେଙ୍ଗାଲୁରୁ ଉତ୍ତର ନିର୍ବାଚନ ମଣ୍ଡଳୀରେ ସର୍ବାଧିକ ମତଦାତା ଥିବାବେଳେ ଚିକ୍ମାଗାଲୁର୍ ର ଉଡୁପିରେ ସବୁଠୁ କମ୍ ମତଦାତା ରହିଛନ୍ତି । କର୍ଣ୍ଣାଟକରେ ୧ ହଜାର ପୁରୁଷରେ ମହିଳାମାନଙ୍କ ସଂଖ୍ୟା ୯୮୬ରୁ ୯ ଶହ ଅନେଶତକୁ ବୃଦ୍ଧି ପାଇଛି । ମତଦାତା ମାନଙ୍କ ସଂଖ୍ୟା ୭୦ ଦଶମିକ ୨/୮ ଭାଗ ରହିଛି । କର୍ଣ୍ଣାଟକରେ ୫୮ ହଜାର ୮୩୪ଟି ଭୋଟ୍ଗ୍ରହଣ କେନ୍ଦ୍ର ରହିଛି, ତାହା ମଧ୍ୟରୁ ୧୧ ଶହ ୨୦ଟିକୁ ମହିଳାମାନେ ପରିଚାଳନା କରିବେ । ୨୨୪ଟି ଭୋଟଗ୍ରହଣ କେନ୍ଦ୍ରକୁ ଦିବ୍ୟାଙ୍ଗ ଓ ଯୁବାମାନେ ପରିଚାଳନା କରିବେ । ୩

ଲକ୍ଷ ଭୋଟ୍ ଗ୍ରହଣକାରୀ କର୍ମଚାରୀ ଓ ନିରାପତ୍ତାରକ୍ଷୀ ସେଠାରେ ନିର୍ବାଚନ କାର୍ଯ୍ୟ ପାଇଁ ମୁତୟନ ହେବେ। ୨୦୧୯ ଲୋକସଭା ନିର୍ବାଚନରେ କଂଗ୍ରେସ ଓ JD (S) ଅଂଶୀଦାର ଦଳ ଥିଲାବେଳେ ବର୍ତ୍ତମାନ ବିଜେପି ଓ JD (S) ମେଣ୍ଟ ଗଠନ କରିଛନ୍ତି। କଂଗ୍ରେସ ୨୮ଟି ଆସନରେ ପ୍ରତିଦ୍ୱନ୍ଦିତା କରୁଛି ଓ ବିଜେପି ୨୫ଟି ଆସନରେ ପ୍ରତିଦ୍ୱନ୍ଦିତା କରୁଛି। JD (S) ୩ଟି ଆସନରେ ପ୍ରତିଦ୍ୱନ୍ଦିତା କରିବ।

## ହୋଲି

ଦେଶର ବିଭିନ୍ନ ଭାଗରେ ଆଜି ହୋଲି ପର୍ବ ପାଳିତ ହେଉଛି। ମନ୍ଦ ଉପରେ ଭଲର ବିଜୟର ଏହା ପ୍ରତୀକ ବହନ କରେ। ହୋଲି ପର୍ବ ପାଳନ ସହ ବସନ୍ତ ଋତୁର ଆଗମନ ହୋଇଥାଏ। ଲୋକମାନେ ପରସ୍ପରକୁ ଅବିର ଲଗାଇବା ସହ ମିଷ୍ଟାନ୍ନ ବଣ୍ଟନ କରିଛନ୍ତି।

ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତି ହୋଲି ଉପଲକ୍ଷେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି, ହୋଲି ଲୋକମାନଙ୍କ ମଧ୍ୟରେ ସଦ୍‌ଭାବନା ଆଣିଥାଏ। ହୋଲି ପର୍ବ ଲୋକମାନଙ୍କ ମଧ୍ୟରେ ପ୍ରେମ ଓ ଭ୍ରାତୃଭାବର ବିକାଶ କରିବ ବୋଲି ସେ କାମନା କରିଛନ୍ତି। ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ କହିଛନ୍ତି, ହୋଲି ପର୍ବ ଭ୍ରାତୃଭାବର ବିକାଶ କରିବା ସହ ଲୋକମାନଙ୍କ ମଧ୍ୟରେ ପ୍ରେମ ଓ ଶ୍ରଦ୍ଧାର ପ୍ରସାର କରିଥାଏ। ହୋଲି ପର୍ବ ଲୋକମାନଙ୍କ ଜୀବନରେ ସୁଖ ଓ ସମୃଦ୍ଧି ଆଣିଦେବ ବୋଲି ସେ କାମନା କରିଛନ୍ତି।

# ଫିଲିପାଇନ୍ସ-ଚୀନ୍

ଦକ୍ଷିଣ ଚୀନ୍ ସାଗରରେ ଚୀନ୍‌ର ଅତ୍ୟଧିକ ହସ୍ତକ୍ଷେପ ବିରୁଦ୍ଧରେ ପ୍ରତିବାଦ ସ୍ୱରୂପ ଫିଲିପାଇନ୍ସ' ଚୀନ୍ ରାଷ୍ଟ୍ରଦୂତଙ୍କୁ ଡକାଇଛି। ଫିଲିପାଇନ୍ସ ବୈଦେଶିକ ମନ୍ତ୍ରୀ ଏ ବିଷୟରେ ଆନ୍ତର୍ଜାତିକ ଅଦାଲତରେ ଉତ୍ଥାପନ କରିବାକୁ କହିଛନ୍ତି। ଚୀନ୍ ଉପକୂଳରକ୍ଷୀ ବାହିନୀ ଯବାନମାନେ ସାଧାରଣ ଡଙ୍ଗାଗୁଡ଼ିକ ଉପରେ ୱାଟରକ୍ୟାନନ୍ ମାଡ଼ କରୁଥିବାର ଫିଲିପାଇନ୍ସ ବୈଦେଶିକ ମନ୍ତ୍ରଣାଳୟ ଦୋଷାରୋପ କରିଛି। ଏହା ଯୋଗୁଁ ଅନେକ ଡଙ୍ଗା ନଷ୍ଟ ହୋଇଛି ଓ କର୍ମଚାରୀମାନେ ଆହତ ହୋଇଛନ୍ତି। ଫିଲିପାଇନ୍ସ ବୈଦେଶିକ ମନ୍ତ୍ରଣାଳୟ କହିଛି, ଏହାର କାର୍ଯ୍ୟକଳାପରେ ଚୀନ୍‌ର ହସ୍ତକ୍ଷେପ ଗ୍ରହଣୀୟ ନୁହେଁ। ଚୀନ୍‌ର ଏଭଳି କାର୍ଯ୍ୟ ଫିଲିପାଇନ୍ସର ସାର୍ବଭୌମତ୍ୱ ଉପରେ ଆକ୍ରମଣ ବୋଲି ଫିଲିପାଇନ୍ସ ବୈଦେଶିକ ମନ୍ତ୍ରଣାଳୟ କହିଛି। ଯେତେ ଶୀଘ୍ର ସମ୍ଭବ ଚୀନ୍ ଜାହାଜ ଗୁଡ଼ିକ ସେଠାରୁ ଚାଲିଯିବାକୁ ଫିଲିପାଇନ୍ସ ଦାବି କରିଛି।

ଚୀନ୍ ସମଗ୍ର ଦକ୍ଷିଣ ଚୀନ୍ ସାଗରକୁ ଏହାର ନିଜର ଅଞ୍ଚଳ ବୋଲି ଦାବି କରୁଛି। ଚୀନ୍ ଏହାର ଶହ ଶହ ଉପକୂଳରକ୍ଷୀ ବାହିନୀ ଜାହାଜକୁ ଦକ୍ଷିଣ ଚୀନ୍ ସାଗରରେ ମୁତୟନ କରିଛି। ଇତିମଧ୍ୟରେ ଫିଲିପାଇନ୍ସ ନିରାପତ୍ତା ବାହିନୀ ମୁଖ୍ୟମାନେ ଏକ ଉଚ୍ଚସ୍ତରୀୟ ବୈଠକ ଡକାଇଛନ୍ତି।

# ଇପିଏଫ୍‌ଓ

କର୍ମଚାରୀ ଭବିଷ୍ୟ ପାଣ୍ଠି ସଂଗଠନରେ ଗତ ଜାନୁଆରୀ ମାସରେ ୧୬ ଲକ୍ଷ ୨ ହଜାର ଗ୍ରାହକ ଅନ୍ତର୍ଭୁକ୍ତ ହୋଇଛନ୍ତି । ଗତକାଲି କର୍ମଚାରୀ ଭବିଷ୍ୟ ପାଣ୍ଠି ସଂଗଠନ ଜାରି କରିଥିବା ତଥ୍ୟ ଅନୁସାରେ, ଜାନୁଆରୀ ମାସରେ ୮ ଲକ୍ଷ ୮ ହଜାର ନୂଆ ଗ୍ରାହକ ପଞ୍ଜୀକୃତ ହୋଇଥିଲେ । ଶ୍ରମ ମନ୍ତ୍ରଣାଳୟ କହିଛି, ସେମାନଙ୍କ ମଧ୍ୟରେ ୧୮ରୁ ୨୫ ବର୍ଷ ବୟସର ଗ୍ରାହକମାନଙ୍କର ସଂଖ୍ୟା ସର୍ବାଧିକ ଥିବାର ଜଣାପଡ଼ିଛି । ସେମାନଙ୍କ ସଂଖ୍ୟା ଶତକଡ଼ା ୫୬ ଭାଗ ରହିଛି । ଏଥିରୁ କର୍ମଚାରୀ ଭବିଷ୍ୟ ପାଣ୍ଠି ସଂଗଠନରେ ଯୁବାମାନେ ଅଧିକ ସଂଖ୍ୟାରେ ଯୋଗଦେଉଥିବାର ପ୍ରମାଣ ମିଳିଛି । ଯେଉଁମାନେ ନୂଆକରି ଚାକିରି କରୁଛନ୍ତି, ସେମାନେ କର୍ମଚାରୀ ଭବିଷ୍ୟ ପାଣ୍ଠିରେ ସାମିଲ ହେଉଛନ୍ତି । ୮ ଲକ୍ଷ ୮ ହଜାର ନୂଆ ଗ୍ରାହକଙ୍କ ମଧ୍ୟରୁ ୨ ଲକ୍ଷ ୫ ହଜାର ମହିଳା ଗ୍ରାହକ ରହିଛନ୍ତି ।

# ଉଜ୍ଜୟିନୀ ଫାୟାର

ମଧ୍ୟପ୍ରଦେଶର ଉଜ୍ଜୟିନୀ ସ୍ଥିତ ମହାକାଳେଶ୍ୱର ମନ୍ଦିର ଗର୍ଭଗୃହରେ ନିଆଁ ଲାଗି ଯାଇଥିବାର ଖବର ମିଳିଛି । ଭସ୍ମ ଆରତୀ ସମୟରେ ସେହି ନିଆଁ ଲାଗିଥିବାର କୁହାଯାଇଛି । ଏହି ଅଗ୍ନିକାଣ୍ଡରେ ମୁଖ୍ୟ ପୂଜକ ସମେତ ଅନେକ ଲୋକ ଆହତ ହୋଇଥିବାର ଜଣାପଡ଼ିଛି । ଆହତ ମାନଙ୍କୁ ଇନ୍ଦୋର ଓ ଉଜ୍ଜୟିନୀ ହସ୍‌ପିଟାଲରେ ଚିକିତ୍ସା କରାଯାଉଛି । ଉଜ୍ଜିୟନୀ ଜିଲ୍ଲାପାଳ ନିରଜ ସିଂ ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ଯାଦବ ଅଗ୍ନିକାଣ୍ଡ ପାଇଁ ଯେଉଁମାନେ ଦାୟୀ ସେମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କହିଛନ୍ତି ।

## ମଷ୍ଟ ଆନାଉନ୍ସମେଣ୍ଟ

ଆମର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ୯ଟା ୩୦ମିନିଟ୍‌ରେ ଆମେ "Use of cutting-edge Technologies to Strengthen Startup Ecosystem in the country" ଶୀର୍ଷକ ଆଲୋଚନାର ପ୍ରଚାର କରିବୁ । ଇଲେକ୍‌ଟ୍ରୋନିକ ଇଣ୍ଡଷ୍ଟ୍ରିଜ୍ ଆସୋସିଏସନ୍ ଅଫ୍ ଇଣ୍ଡିଆ ସେକ୍ରେଟାରୀ ଜେନେରାଲ ରାଜୁ ଗୋଏଲ ଆଲୋଚନାରେ ଅଂଶଗ୍ରହଣ କରିବେ। କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ସେମାନଙ୍କ ପ୍ରଶ୍ନ ପଚାରିପାରିବେ । ଏଥିପାଇଁ ସେମାନଙ୍କୁ 011-2371-7106 ଓ 011-2331-4444 ନମ୍ବରକୁ ଡାଏଲ କରିବାକୁ ହେବ । ଏହାବ୍ୟତୀତ ସେମାନେ 92890-94044 ନମ୍ବରକୁ ହ୍ୱାଟ୍ସଆପ୍ ମେସେଜ୍ କରି ପ୍ରଶ୍ନ ପଚାରିପାରିବେ । ଏହି କାର୍ଯ୍ୟକ୍ରମ ନ୍ୟୁଜ୍ ଅନ୍ ଏୟାର ଡଟ୍ ଜି.ଓ.ଭି. ଡଟ୍ ଇନ୍ ଓ ନ୍ୟୁଜ୍ ଅନ୍ ଏୟାର ଅଫିସିଆଲରେ ଉପଲବ୍ଧ ହେବ ।

## କବାଡ଼ୀ-ଗିନିଜ୍ ୱାର୍ଲଡ ରେକର୍ଡ

ଗତକାଲି ବିଶ୍ୱ କବାଡ଼ି ଦିବସରେ ୧୨୮ ଜଣ କ୍ରୀଡ଼ାବିତ୍‌ଙ୍କ ଅଂଶଗ୍ରହଣ ସହ ଭାରତ ଗିନିଜ୍ ବିଶ୍ୱ ରେକର୍ଡ ସ୍ଥାପନ କରିଛି। ହରିୟାଣାର ପଞ୍ଚକୁଲା ସ୍ଥିତ ତାଉ ଦେବୀ ଲାଲ ଇଣ୍ଡୋର ଷ୍ଟାଡିୟମ୍‌ରେ ଏହି ରେକର୍ଡ ସୃଷ୍ଟି ହୋଇଛି। ଆନ୍ତର୍ଜାତିକ ସ୍ତରରେ କବାଡ଼ିର ପ୍ରସାର ପାଇଁ ହୋଲିଷ୍ଟିକ୍ ଇଣ୍ଟରନ୍ୟାସନାଲ ପ୍ରବାସୀ ସ୍ପୋର୍ଟସ ଆସୋସିଏସନ୍ ଓ ହରିୟାଣା ସରକାରଙ୍କ ମଧ୍ୟରେ  କିଛିଦିନ ପୂର୍ବେ ଏକ ବୁଝାମଣା ସ୍ମାରକପତ୍ର ସ୍ୱାକ୍ଷର ହୋଇଥିଲା।